# ତ୍ରିବିଧ କର୍ମ

# ସୂଚନା

'ତ୍ରିବିଧ କର୍ମ' ପ୍ରଥମେ ଏକ କ୍ଷୁଦ୍ର ପୁସ୍ତିକା ଆକାରରେ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ତାହା ସଂଶୋଧିତ ହୋଇ ଏଥିରେ ସନ୍ନିବେଶିତ କରାଯାଉଅଛି ।

କର୍ମର ରହସ୍ୟ ଜାଣିବା କଷ୍ଟକର । ମନୁଷ୍ୟ କର୍ମ ବିନା ରହି ନ ପାରେ । ପୁଣି କର୍ମହିଁ ବନ୍ଧନ ଓ ଦୁଃଖର କାରଣ । ମାତ୍ର ଏହାହିଁ ପରମଆନନ୍ଦ ଦେଇପାରେ । ଏ ସମସ୍ତ ବିଷୟ ସରଳ ଭାବରେ ପୁସ୍ତକରେ ଆଲୋଚନା କରାଯାଇଅଛି । ସବୁ ଶ୍ରେଣୀର ପାଠକ ପାଠିକା ଏ ବହି ଦ୍ୱାରା ସହଜରେ ବିଶେଷ ଉପକୃତ ହେବେ ବୋଲି ଆଶା କରାଯାଏ ।

— ପ୍ରକାଶକ

# ତ୍ରିବିଧ-କର୍ମ

ପ୍ରଶ୍ନ : ତ୍ରିବିଧ-କର୍ମର ସ୍ୱରୂପ କ'ଣ ?

ଉତ୍ତର : ଭଗବତ୍ ଅର୍ପଣ ବିନା ଶୁଭ କର୍ମର ଫଳ ସୁଖ ଓ ଅଶୁଭ କର୍ମର ଫଳ ଦୁଃଖ ଭୋଗ କରିବା ସକାଶେ ମନୁଷ୍ୟକୁ ବାରଂବାର ଘୋର ଦୁଃଖରୂପ ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରିବାକୁ ପଡ଼େ । ସେହି ସମସ୍ତ କର୍ମ ଭଗବତ୍ ଉଦ୍ଦେଶ୍ୟରେ, ଭଗବତ୍ ଅର୍ପିତ ଭାବରେ ସମ୍ପାଦିତ ହେଲେ କର୍ତ୍ତାକୁ ତାହାର ଫଳଭୋଗ କରିବାକୁ ପଡ଼େ ନାହିଁ କିନ୍ତୁ ସେଥିରେ କର୍ମର କର୍ତ୍ତା ବିଦ୍ୟମାନ ରହେ । ସେହି କର୍ମ ଭାଗବତୀ ଶକ୍ତିର ପ୍ରେରଣାରେ ହେଲେ ତାହା ଭାଗବତ କର୍ମ ହୁଏ । କର୍ମର କର୍ତ୍ତା ବ୍ୟକ୍ତି ନ ଥିବାରୁ ତା'ର ଫଳାଫଳ ଉତ୍ପନ୍ନ ହୁଏ ନାହିଁ ।

ଏହି ପୃଥିବୀ କର୍ମକ୍ଷେତ୍ର । କର୍ମ ଦ୍ୱାରାହିଁ ମନୁଷ୍ୟ ନିଜକୁ ଦେବତ୍ୱରେ ଓ ପୃଥିବୀକୁ ସ୍ୱର୍ଗରେ ପରିଣତ କରିବାକୁ ଜନ୍ମଗ୍ରହଣ କରିଛି । ଅଗ୍ନିରୁ ଦାହିକା ଶକ୍ତି ଯେପରି ଅଭିନ୍ନ, ସେହିପରି ମନୁଷ୍ୟଶରୀର ଆଉ କର୍ମ ପରସ୍ପର ଓତପ୍ରୋତ ଜଡ଼ିତ । ଯଦି କୌଣସି ପ୍ରକାରେ ମନୁଷ୍ୟ ମଧ୍ୟରୁ କର୍ମକୁ ପୃଥକ୍ କରି ଦିଆଯାଏ ତେବେ ମନୁଷ୍ୟର ପୂର୍ଣ୍ଣତ୍ୱ ରହେ ନାହିଁ । ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ ମଧ୍ୟ ପୂର୍ଣ୍ଣ ହୁଏ ନାହିଁ । ସେ ହୁଏ ଗୋଟିଏ ଅଙ୍ଗହୀନ ଖଣ୍ଡିତ ପ୍ରତିମା ।

ମନୁଷ୍ୟର ବ୍ୟକ୍ତିତ୍ୱ ଅହଂ ଦ୍ୱାରା ନିର୍ମିତ ହୋଇଥିବାରୁ ତା' ମଧ୍ୟରେ କର୍ମ-ପ୍ରେରଣା ସ୍ୱାଭାବିକ । କର୍ମର ସାର୍ଥକତା ବି ଅଛି । ଭଗବାନ୍ ସ୍ୱୟଂ ନିଜ ସଂକଳ୍ପରେ (ଏକୋଽହଂ ବହୁ ସ୍ୟାମ୍) ଜଗତ ଆଉ ଜୀବରୂପେ ପ୍ରକଟ ହୋଇ ଅଛନ୍ତି । ଏହି ସକାଶେ ଜୀବ ପକ୍ଷରେ କର୍ମ ଅନିବାର୍ଯ୍ୟ । କିନ୍ତୁ ଜୀବ ମୋହଗ୍ରସ୍ତ ହୋଇ ମନ-ପ୍ରାଣ-ଅହଂଯୁକ୍ତ ଶରୀରକୁ ନିଜର ମାନିନେଇ, ଏହି ଜଗତକୁ ଦିବ୍ୟଲୋକରେ ତଥା ଏହି ଶରୀରକୁ ଦେବତ୍ୱରେ ପରିଣତ କରିବା କର୍ମରୂପ ଉଦ୍ଦେଶ୍ୟ ବି ଭୁଲି ଯାଉଛି ।

କର୍ମରୁ ସ୍ୱରୂପତଃ ନିବୃତ୍ତ ହେବାର କୌଣସି ଉପାୟ ନାହିଁ । ମନୁଷ୍ୟ କର୍ମରୁ ନିବୃତ୍ତ ହେବା ଉଦ୍ଦେଶ୍ୟରେ ବସି ରହିଲେ ତାହାର ସ୍ଥୂଳ-ଇନ୍ଦ୍ରିୟ ନେତ୍ର, ଶ୍ରବଣ, ହସ୍ତାଦିରେ ଦେଖିବା, ଶୁଣିବା, ପରିଚାଳିତ ହେବା ଏବଂ ସୂକ୍ଷ୍ମ ଇନ୍ଦ୍ରିୟ ମନ-ଚିତ୍ତ-ଅହଂ ଆଦିରେ ବିଚାର, ଭାବ ଇତ୍ୟାଦି ସୂକ୍ଷ୍ମକ୍ରିୟା ବରାବର ହେଉଥାଏ । ଏପରିକି ନିଦ୍ରାବସ୍ଥାରେ ମନୁଷ୍ୟ ଶ୍ୱାସ-ପ୍ରଶ୍ୱାସ, ହୃଦୟ-ଗତି, ପ୍ରାଣ-ଲୋକର ସ୍ୱପ୍ନ ଦେଖିବା – ଏହିସବୁ କ୍ରିୟା ବନ୍ଦ ହୁଏ ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟର ଶ୍ୱାସ ଚାଲୁଛି, ଆତ୍ମା ଶରୀରକୁ ପରିତ୍ୟାଗ ନ କରିଛି ଅର୍ଥାତ୍ ମୃତ୍ୟୁ ନ ହୋଇଛି ସେପର୍ଯ୍ୟନ୍ତ ବିବଶ ହୋଇ କର୍ମ କରିବାକୁ ବାଧ୍ୟ ହୁଏ । ମନୁଷ୍ୟ ଏକକ୍ଷଣ କର୍ମ ଛଡ଼ା ରହିପାରେ ନାହିଁ । ଅତଏବ ''ଜୀବନହିଁ କର୍ମ'' କହିବା ଅତ୍ୟୁକ୍ତି ନୁହେଁ । ଯଦି କର୍ମ ଅନିବାର୍ଯ୍ୟ ଆଉ କର୍ମ ବନ୍ଧନର କାରଣ, ତେବେ କ'ଣ ମନୁଷ୍ୟର ଉଦ୍ଧାର ନାହିଁ ?

ମନୁଷ୍ୟର ଉଦ୍ଧାର ଅଛି ସେହି କର୍ମ ଦ୍ୱାରା । ଯେଉଁ କର୍ମ ବାନ୍ଧେ ସେହି କର୍ମ କୌଶଳରେ ସମ୍ପାଦିତ ହେଲେ ମନୁଷ୍ୟକୁ ମୁକ୍ତି-ମାର୍ଗରେ ନେଇଯାଏ, ଭଗବତ୍ ପ୍ରାପ୍ତି କରାଏ ଏବଂ ଭଗବତ୍ ସତ୍ତା ସହିତ ନିଜର ସତ୍ତାକୁ ଏକ କରାଇ ମନ, ପ୍ରାଣ, ଶରୀରରେ ଭଗବାନଙ୍କୁ ପ୍ରକଟ କରାଇ ପାରେ । କର୍ମରେ ଗୋଟିଏ ଦୋଷ ଅଛି, ସେ ସ୍ୱାବଲମ୍ବୀ ନୁହେଁ, ମନୁଷ୍ୟର ମନୋଭାବ ଉପରେ ନିର୍ଭର କରେ ।

## କର୍ମରେ ଭ୍ରମ ଧାରଣା

ସାଧାରଣତଃ ଅବିକଶିତ ଚେତନା ଏବଂ ଅଶୁଦ୍ଧ ବୁଦ୍ଧିରେ ମନୁଷ୍ୟ ନିଜର ସ୍ୱାର୍ଥ-ସିଦ୍ଧି, କୁଟୁମ୍ବ ପୋଷଣାର୍ଥେ କାର୍ଯ୍ୟ କରୁଥାଏ । ଏହାଠାରୁ ଉନ୍ନତ ଅବସ୍ଥାରେ ଉଦାର ହୃଦୟ ବ୍ୟକ୍ତି ଦେଶସେବା, ପ୍ରାଣୀମାନଙ୍କର ସେବା, ସଦାଚାର

ଆଦି ଶୁଭକର୍ମ କରେ । ବହୁତ ବ୍ୟକ୍ତି ନିଷ୍କାମ କର୍ମର ସ୍ୱରୂପ ନ ଜାଣି ଏହି ଶୁଭକର୍ମକୁହିଁ ନିଷ୍କାମ କର୍ମର ନାମ ଦିଅନ୍ତି । ଇଞ୍ଜିନିୟର, ମାଷ୍ଟର, ପ୍ରଫେସର, ଡକ୍ଟର, ଦେଶ-ସେବକ, ଦେଶନେତା ଏବଂ ଦେଶର ହିତଚିନ୍ତକ ବ୍ୟକ୍ତିମାନେ କହନ୍ତି, ''ଆମ୍ଭମାନଙ୍କ କର୍ମ ନିଜ ପାଇଁ ନୁହେଁ, ଅନ୍ୟ ପାଇଁ, ସେଥିରେ ଆମ୍ଭର କୌଣସି ସ୍ୱାର୍ଥ ନାହିଁ । ସ୍ୱାର୍ଥଛଡ଼ା କର୍ମ ନିଷ୍କାମ । ଆମ୍ଭେ ଯେ ବେତନ ପାଉ ତାହା ଉଦର ପୋଷଣ ସକାଶେ, ଉଦର ପୋଷଣ ପ୍ରତ୍ୟେକ ବ୍ୟକ୍ତିକୁ କରିବାକୁ ହୁଏ । ଏଥିରୁ ବଡ଼ ବଡ଼ ସନ୍ଥ ମହାତ୍ମା ମଧ୍ୟ ବାଦ୍ ଯାଆନ୍ତି ନାହିଁ । ସେଥିପାଇଁ ଆମ୍ଭମାନଙ୍କ ବେତନ ନିଷ୍କାମତାର ବାଧକ ନୁହେଁ ।'' ଆଉ ଯେଉଁମାନେ ବେତନ ବିନା ଦେଶସେବା କରନ୍ତି, ସେମାନଙ୍କ ବିଚାରରେ ତାଙ୍କ କାର୍ଯ୍ୟ ବିବାଦ-ଶୂନ୍ୟ ନିଷ୍କାମ । କାରଣ ସେମାନଙ୍କ କର୍ମରେ ସ୍ୱାର୍ଥପରତାର ଏକେବାରେ ଅଭାବ । ନିଷ୍କାମ କର୍ମ ବେତନ ଅଥବା ବିନା ବେତନ ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ ଭାବ ଓ କର୍ମ-ପ୍ରେରଣା ଉପରେ । ଝାଡୁ ଲଗାଇବା, ରୋଷେଇ କରିବା, ନିଜ ପିଲାଙ୍କୁ ପାଳନ ପୋଷଣ କରିବା, ଚାଷ ବ୍ୟାପାର, ଚାକିରି ଇତ୍ୟାଦି କର୍ମ ଯଦି ଭଗବତ୍ ଉଦ୍ଦେଶ୍ୟରେ କରାହୁଏ, ଭଗବାନଙ୍କୁ ଅର୍ପଣ କରାହୁଏ, ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇ ସଂପାଦନ କରାହୁଏ, ତେବେ ସେହି ସାଧାରଣ କର୍ମ ନିଷ୍କାମ ହୁଏ, ଭଗବତ୍ ପ୍ରାପ୍ତି କରାଏ, (ଯନ୍ତ୍ରରେ ପରିଣତ କରାଏ) ମନ, ପ୍ରାଣ, ଶରୀରରେ ଭଗବାନଙ୍କୁ ପ୍ରକଟ କରାଏ, ଭଗବାନଙ୍କ ଯନ୍ତ୍ରରେ ପରିଣତ କରାଏ । ଭଗବତ୍ ଅର୍ପଣ ନ କରି ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ନ ହୋଇ ଯେଉଁ ଦେଶସେବା, ମନୁଷ୍ୟ ଜାତିର ସେବା, ଯଜ୍ଞ, ତପ, ଧ୍ୟାନ, ଜପାଦି ଉତ୍କୃଷ୍ଟ କର୍ମ କରାହୁଏ, ତାହା ସକାମ କର୍ମ ହୁଏ, ତାହାର ଫଳ ଭୋଗ କରିବା ସକାଶେ ବ୍ୟକ୍ତିକୁ ଜନ୍ମ-ମରଣ ଦ୍ୱନ୍ଦ୍ୱରେ ପଡ଼ିବାକୁ ହୁଏ ।

## କର୍ମର କୌଶଳ

ରାଜା ଅମ୍ବରୀଶ ଝାଡୁ ଲାଗାଇବା, ଚୌକା ଲଗାଇବା ଇତ୍ୟାଦି ସାଧାରଣ କର୍ମ କରି ଭଗବତ୍ ଅର୍ପଣ କରିବାରୁ ସେ ଭଗବତ୍ ପ୍ରାପ୍ତି କଲେ । ଅର୍ଜୁନ ଓ ହନୁମାନ୍ ଭାଗବତୀ ଶକ୍ତି ଦ୍ୱାରା ଚାଳିତ ହୋଇ ଯୁଦ୍ଧରେ ଜୀବହତ୍ୟା, ଲଙ୍କା-ଦହନରେ ନୃଶଂସ ତୁଲ୍ୟ ପ୍ରାଣୀ ବିନାଶ କରି ଭଗବାନଙ୍କ ଯନ୍ତ୍ର ହେଲେ । ତ୍ରିଶଙ୍କୁ ଯଜ୍ଞ ଦାନ କରି ଅର୍ଦ୍ଧସ୍ୱର୍ଗରେ ଟାଙ୍ଗି ହୋଇ ରହିଲେ ।

ପୂର୍ବେ କୁହାଯାଇଛି କର୍ମ ସ୍ୱାବଲମ୍ବୀ ନୁହେଁ, ଭାବ ଏବଂ ପ୍ରେରଣା ଉପରେ ନିର୍ଭର କରେ । ମନୁଷ୍ୟର ବ୍ୟକ୍ତିତ୍ୱ ନିର୍ମାଣ ହୋଇଛି ଅହଂ-ଭାବରେ । ମନୁଷ୍ୟର ଅହଂ-ଭାବ 'ମୁଁ' 'ମୋର' – ଏହି ଭାବହିଁ ହେଲା ବ୍ୟକ୍ତିତ୍ୱ । କର୍ମର ପ୍ରେରଣା ମିଳେ ଅହଂବୋଧରୁ । ଅର୍ଥାତ୍ କର୍ମ କରିବା ବ୍ୟକ୍ତିର କର୍ମ ମୂଳରେ ଥାଏ ଅହଂବୋଧ ବା ''ମୁଁ କର୍ମ କରୁଅଛି'' ଭାବ । ସାଧାରଣ ମନୁଷ୍ୟ ଏହି ଅହଂବୋଧ ତ୍ୟାଗ କଲେ ସେ ତାମସିକତାରେ ବୁଡିଯିବ, ତାହାଦ୍ୱାରା କୌଣସି କର୍ମ ହେବ ନାହିଁ । ଯେପର୍ଯ୍ୟନ୍ତ ଅହଂବୋଧ ବିଦ୍ୟମାନ, ସେପର୍ଯ୍ୟନ୍ତ ଯେକୌଣସି ଉତ୍କୃଷ୍ଟ କାର୍ଯ୍ୟ କଦାପି ନିଷ୍କାମ ହୋଇପାରିବ ନାହିଁ ।

## ଜ୍ଞାନ-କର୍ମ

କେତେକ ଜ୍ଞାନୀ ଜନ ''ଅହଂବୋଧ-କର୍ମ'' ବନ୍ଧନର ମୂଳ କାରଣ ଜାଣି ମନ-ପ୍ରାଣ-ଶରୀରରୁ ଅହଂର ସମ୍ବନ୍ଧ ବିଚ୍ଛେଦ କରି ଚେତନାକୁ ବ୍ରହ୍ମ ସଙ୍ଗେ ଏକତ୍ୱ କରିଦିଅନ୍ତି । ଶରୀରକୁ ମାୟା ବୋଲି ଜ୍ଞାନ କରି ବ୍ରହ୍ମରେ ସ୍ଥିତ ହୁଅନ୍ତି । ସେମାନଙ୍କ କର୍ମର ଆବଶ୍ୟକତା ରହେ କେବଳ ଶରୀର ଧାରଣାର୍ଥେ । ସେହି କର୍ମ ତାଙ୍କୁ ସ୍ପର୍ଶ କରିପାରେ ନାହିଁ । କାରଣ କର୍ମ ହୁଏ ଶରୀରରେ, ସେମାନେ ଶରୀରରୁ ପୃଥକ୍ ହୋଇ ଥାଆନ୍ତି । ଏହି ଜ୍ଞାନୀ ପୁରୁଷମାନେ ମୁକ୍ତି ପ୍ରାପ୍ତ ହୁଅନ୍ତି । କିନ୍ତୁ ପୃଥବୀକୁ ଆସି ପୃଥିବୀରେ ଭାଗବତ ଜୀବନ ସ୍ଥାପନ ଏବଂ ମନ-ପ୍ରାଣ-ଶରୀରରେ ଭଗବାନଙ୍କୁ ପ୍ରକଟ

କରିବା ନିମିତ୍ତ ଭଗବାନଙ୍କର ଯେଉଁ ସଂକଳ୍ପ ତାହା ଏମାନଙ୍କ ଦ୍ୱାରା ପୂର୍ଣ୍ଣ ହୁଏ ନାହିଁ । ସେମାନେ ଯେଉଁଠାରୁ ଆସିଥିଲେ ସେଠାକୁ ଫେରି ଯାଆନ୍ତି ।

## କର୍ମରେ ପ୍ରବଞ୍ଚନା

କେତେକ ବ୍ୟକ୍ତି ଅହଂ-ପ୍ରେରଣାରେ କୌଣସି ଶୁଭ କର୍ମ କରି ଭାବନ୍ତି, ''ଆମ୍ଭେ ଆମ୍ଭ କର୍ମ ଭଗବାନଙ୍କୁ ଅର୍ପଣ କରୁଛୁ । କାରଣ ସଂସାର ଭଗବାନଙ୍କର, ଆମ୍ଭେ ଭଗବାନଙ୍କଠାରୁ ଆସିଛୁ, ଅତଏବ ଆମ୍ଭେ ମଧ୍ୟ ଭଗବାନଙ୍କର । ଆମ ଦ୍ୱାରା ଯେଉଁ କାର୍ଯ୍ୟ ହେଉଛି ତାହା ହେଉଛି ତାଙ୍କରି ଶକ୍ତିର ପ୍ରେରଣାରେ । ସେ ବିଶ୍ୱମୟ, ବିଶ୍ୱରୂପ । ତାଙ୍କ ଛଡ଼ା କୌଣସି ବସ୍ତୁର ଅସ୍ତିତ୍ୱ ନାହିଁ । ସେହି କର୍ମ, ସେହି କର୍ତ୍ତା, ସେହିଁ ଭୋକ୍ତା, ସେ ବିଶ୍ୱରେ ଓତପ୍ରୋତ । ସୁତରାଂ ଆମ୍ଭେ ଯଦି ଭଗବାନଙ୍କଠାରୁ ପୃଥକ୍ ନୋହୁଁ, ଆମ୍ଭର କର୍ମ ଆଉ ତା'ର ଫଳ ଉତ୍ପନ୍ନ ହେବ କିପରି, ଆଉ ତାକୁ ଭୋଗ କରିବ କିଏ ?

ଏପରି ଧାରଣା ଆତ୍ମ-ପ୍ରବଞ୍ଚନା, ନିଜକୁ ଠକିବା ଛଡ଼ା ଆଉ କିଛି ନୁହେଁ । କେବଳ ବାକ୍ୟରେ କହିଲେ ଚଳିବ ନାହିଁ, ଅନୁଭୂତିରେ ପ୍ରାପ୍ତ କରିବାକୁ ହେବ । ଏହାର ଲକ୍ଷ୍ୟ ସିଦ୍ଧି ହେବା ପୂର୍ବରୁ, ବହୁତ ଆରମ୍ଭରୁ ହେବ କେନ୍ଦ୍ରୀୟ ସଂକଳ୍ପ, ଏହି ଲକ୍ଷ୍ୟ ହେବ ଜୀବନର ପ୍ରଧାନ କାର୍ଯ୍ୟ । ଏହି ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ କ୍ରମଶଃ ନିଜ ମଧ୍ୟରେ ଶାନ୍ତି, ସନ୍ତୋଷ, ପ୍ରେମ, ଭକ୍ତି, ଜ୍ଞାନ, ସମର୍ପଣ ଭାବ ବୃଦ୍ଧି ହେଉଥିବ ଏବଂ ଏହାର ବିପରୀତ ଭାବ ହ୍ରାସ ହେଉଥିବ । ଏହାହିଁ ଆଧ୍ୟାତ୍ମିକ ସାଧନା । କିଛି ନ କରି କଥାରେ କହିଦେଲେ ହେବ ନାହିଁ । ଯେପରି ବ୍ୟକ୍ତି ରୋଷେଇ କରିବାର ବସ୍ତୁକୁ ଚୁଲା ଉପରେ ରଖି ଚୁଲାରେ କାଠ ରଖି ଅଗ୍ନି ସଂସ୍ପର୍ଶ ନ କରି ଭାବେ, ''କାଠ ଭିତରେ ଅଗ୍ନି ବିଦ୍ୟମାନ ଅଛି, କାଠରେ ଅଗ୍ନି ଲଗାଇବାର ଆବଶ୍ୟକତା କ'ଣ ?'' ଏହି ଭାବରେ ମନୁଷ୍ୟର ରୋଷେଇ ଯେପରି ବ୍ୟର୍ଥ ହୁଏ, ସେହିପରି ବ୍ୟକ୍ତି 'ସମସ୍ତ କର୍ମ ଭଗବାନଙ୍କର' — ଏହା କେବଳ କଥାରେ କହି ନିଜକୁ ଠକେ ।

## ଭଗବତ୍ ଅର୍ପଣ ରୂପେ ନିଷ୍କାମ କର୍ମ

ଭକ୍ତମାନେ ମନ-ପ୍ରାଣ-ଶରୀରକୁ ଜ୍ଞାନୀଙ୍କ ପରି ମାୟା କହି ଏକେବାରେ ଉଡ଼ାଇ ଦିଅନ୍ତି ନାହିଁ । ସେମାନେ କର୍ମ-ବହୁଳତାରୁ ନିଜକୁ ଅପସାରିତ କରି ଭଗବାନଙ୍କ ସେବା-ପୂଜା ସକାଶେ ଯେତିକି କର୍ମ ଆବଶ୍ୟକ, ସେତିକି କରନ୍ତି । କର୍ମ ଭଗବତ୍ ଉଦ୍ଦେଶ୍ୟରେ ସମ୍ପାଦନ କରି ଭଗବାନଙ୍କୁ ସମର୍ପଣ କରିଦେବାରୁ ସେଥିରେ ଫଳ ଉତ୍ପନ୍ନ ହୁଏ ନାହିଁ । ସେମାନଙ୍କର ଅହଂ ବ୍ୟକ୍ତିତ୍ୱ — ମନ-ପ୍ରାଣ-ଶରୀର ବିଶିଷ୍ଟ ବ୍ୟକ୍ତି — ସ୍ଥାନରେ ଆସେ ଭଗବାନଙ୍କ ଦିବ୍ୟକର୍ମୀ ବା ଭଗବତ୍ ସେବକ ଭାବ । ଏହା ନିଜ ଭିତରେ ଥିବା ଅବିକୃତ ଶୁଦ୍ଧ ଆତ୍ମାର ଭାବ । ଏହି ଅବସ୍ଥାରେ ବ୍ୟକ୍ତିକୁ ସମ୍ବୋଧନ କଲେ ସେ ଏହି ଶରୀର ବିଶିଷ୍ଟ ନାମ-ରୂପଧାରୀ ବ୍ୟକ୍ତି ମନେ କରେ ନାହିଁ, ମନେ କରେ ସେ ଭଗବାନଙ୍କ ଅଂଶ ପ୍ରତିଭୂ ବା ଭଗବାନଙ୍କ ଶାଶ୍ୱତ ସେବକ । ଏମାନେ କର୍ମ ବନ୍ଧନରୁ ମୁକ୍ତ ହୁଅନ୍ତି । କାରଣ କର୍ମ ସମ୍ପନ୍ନ ହେଉଥିବା ମନ-ପ୍ରାଣ-ଶରୀରରୁ ସମ୍ବନ୍ଧ ବିଚ୍ଛେଦ କରି ସାରିଥା'ନ୍ତି । ଅତଏବ ସେମାନେ ମନ-ପ୍ରାଣ-ଶରୀରକୁ ଅଶୁଦ୍ଧ ଅପରିବର୍ତ୍ତିତ ଅବସ୍ଥାରେ ତ୍ୟାଗ କରି ମୃତ୍ୟୁ ପରେ ସାକେତ, ଗୋଲୋକ, ବୈକୁଣ୍ଠରେ ଭଗବତ୍ ସେବା ପ୍ରାପ୍ତ ହୁଅନ୍ତି; ସେମାନଙ୍କର ଏହି ପୃଥିବୀକୁ ଆସିବା ସାର୍ଥକ ହୁଏ ନାହିଁ । ଏହି ପୃଥିବୀରେ ଏବଂ ମନ-ପ୍ରାଣ-ଶରୀରରେ ନିଜକୁ ପ୍ରଘଟ କରିବା ଭଗବାନଙ୍କର ଯେଉଁ ଉଦ୍ଦେଶ୍ୟ ତାହା ମଧ୍ୟ ପୂର୍ଣ୍ଣ ହୁଏ ନାହିଁ । ପୃଥିବୀରେ ଶରୀର ଧାରଣ କରିଥିବା ଅବସ୍ଥାରେ ଭଗବାନଙ୍କ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରିବା ଏମାନଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ । ଏହା ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବାରେ । ଏହି ଉଦ୍ଦେଶ୍ୟରେହିଁ ଭଗବାନଙ୍କ ସୃଷ୍ଟି ଓ ଏହାହିଁ ଭଗବାନଙ୍କ ସଂକଳ୍ପ ।

# ତ୍ରିବିଧ କର୍ମର ସ୍ୱରୂପ

ପ୍ରଶ୍ନ : ଶାସ୍ତ୍ରରେ କର୍ମକୁ ଜନ୍ମ-ମରଣ ଓ ବନ୍ଧନର କାରଣ ବୋଲି କୁହା ହୋଇଛି । କୌଣସି ବ୍ୟକ୍ତି ପକ୍ଷେ କର୍ମ-ନିବୃତ୍ତ ସମ୍ଭବ ନୁହେଁ । ମୁନି, ଋଷି, ସାଧୁ, ସନ୍ଥ ବି କର୍ମରୁ ମୁକ୍ତ ହୁଅନ୍ତି ନାହିଁ । ସେମାନେ କିପରି କର୍ମ କରି ଜନ୍ମ-ମରଣ ବନ୍ଧନରୁ ମୁକ୍ତ ହେଉଅଛନ୍ତି, ଅନ୍ୟମାନେ କାହିଁକି କର୍ମବନ୍ଧନରେ ପଡ଼ି ଜନ୍ମମରଣ-ଚକ୍ରରେ ଭ୍ରମୁ ଅଛନ୍ତି ?

ଉତ୍ତର : ମୁନି, ଋଷି, ସାଧୁ, ସନ୍ଥମାନେ ସମସ୍ତ କର୍ମ ଭଗବତ୍ ଉଦ୍ଦେଶ୍ୟରେ କରି ଭଗବାନଙ୍କୁ ସମର୍ପଣ କରନ୍ତି, ଅଥବା ଭଗବାନଙ୍କୁ ସମସ୍ତ ସତ୍ତା ସମର୍ପଣ କରି ଭାଗବତୀ ଶକ୍ତିର ପରିଚାଳନାରେ କର୍ମ କରନ୍ତି କିଂବା ମନ-ପ୍ରାଣ-ଶରୀର ସମ୍ବନ୍ଧ ତ୍ୟାଗ କରି ଆତ୍ମସ୍ଥ ହୋଇ କର୍ମ କରନ୍ତି । ଏହି ରୂପେ କର୍ମ କଲେ ତା'ର ଫଳ ଉତ୍ପନ୍ନ ହୁଏ ନାହିଁ । କର୍ମଫଳ ଅଭାବରୁ ସେମାନଙ୍କୁ ଫଳଭୋଗ କରିବା ସକାଶେ ଜନ୍ମ-ମରଣ ଚକ୍ରରେ ଭ୍ରମଣ କରିବାକୁ ହୁଏ ନାହିଁ । ସାଧାରଣ ବ୍ୟକ୍ତି କର୍ମର କର୍ତ୍ତା ନିଜେ ହୋଇ ଫଳ ଆଶାରେ କର୍ମ କରନ୍ତି । ସେହି ସକାଶେ ଫଳଭୋଗ କରିବା ପାଇଁ କର୍ମ ବନ୍ଧନରେ ପଡ଼ନ୍ତି । କର୍ମର ବାହ୍ୟରୂପ ଏକଇ ପ୍ରକାର ଥାଏ, କିନ୍ତୁ ଭିନ୍ନ ମନୋଭାବରେ କର୍ମ ସମ୍ପାଦନ ହେବା ଯୋଗୁଁ ତାହା ତ୍ରିବିଧ-କର୍ମରେ ପରିଣତ ହୁଏ ଏବଂ ସେଇ ଏକଇ ପ୍ରକାର କର୍ମ ଦ୍ୱାରା ବ୍ୟକ୍ତିର ଭାବ ଅନୁସାରେ ମୋକ୍ଷ, ନିର୍ବାଣ ପାଏ କିଂବା ଜନ୍ମ-ମରଣ ଚକ୍ରରେ ଭ୍ରମଣ କରେ ।

ପ୍ରଶ୍ନ : ତିବ୍ରିଧ କର୍ମର ସ୍ୱରୂପ ତଥା ଭିନ୍ନ ଭିନ୍ନ ମନୋଭାବ ଦ୍ୱାରା ସମ୍ପାଦିତ କର୍ମର ପରିଣାମ କ'ଣ ହୁଏ ସ୍ପଷ୍ଟଭାବେ କୁହନ୍ତୁ ।

ଉତ୍ତର : ଉତ୍ତମ କର୍ମ, ଭଗବତ୍ ସମର୍ପିତ କର୍ମ ବା ନିଷ୍କାମ କର୍ମ ଏବଂ ଭାଗବତ କର୍ମ — ଏହି ତିନିପ୍ରକାର କର୍ମକୁ ଶାସ୍ତ୍ର ତ୍ରିବିଧ-କର୍ମ ନାମରେ ଘୋଷଣା କରିଅଛି । ଏହାଛଡ଼ା ଆଉ ଏକ କର୍ମ ହେଉଛି ନିଷିଦ୍ଧ କର୍ମ ବା ପାପକର୍ମ । ନିଜର, ପରିବାରର, ଦେଶର ତଥା ମନୁଷ୍ୟ ଜାତିର ହିତ ସକାଶେ; ପୁତ୍ର, କନ୍ୟା, ପିତା, ମାତା, ବନ୍ଧୁମାନଙ୍କ ହିତ ସକାଶେ; କୃଷି, ବାଣିଜ୍ୟ, ଦେଶସେବା, ଔଷଧାଳୟ, ଅନ୍ନବସ୍ତ୍ରଦାନ, ଦରିଦ୍ରସେବା, ସନ୍ଧ୍ୟାବନ୍ଦନ, ଦେବ-ପିତୃ-ପୂଜନ, ଧର୍ମ ସେବାଦି ଉଦ୍ଦେଶ୍ୟରେ କର୍ମ ହେଲା ଉତ୍ତମ କର୍ମ । ଏହି କର୍ମ ଭଗବତ୍ ଉଦ୍ଦେଶ୍ୟରେ ଭଗବତ୍ ସେବା ରୂପେ ସମ୍ପାଦିତ ହୋଇ ଭଗବାନଙ୍କୁ ସମର୍ପଣ କରାହେଉ ନ ଥିବାରୁ ଏହି କର୍ମ-ଫଳ ଭୋଗ କରିବା ସକାଶେ ବ୍ୟକ୍ତିକୁ ଜନ୍ମ-ମରଣ ଚକ୍ରରେ ଭ୍ରମଣ କରିବାକୁ ହେଉଥାଏ । ଏହାର ନାମ ସାଧାରଣ କର୍ମ ।

ଏହି କର୍ମ ଭଗବାନଙ୍କ ଉଦ୍ଦେଶ୍ୟରେ ଭଗବତ୍ ସେବା ଭାବରେ ସମ୍ପାଦିତ ହୋଇ ଭଗବାନଙ୍କୁ ସମର୍ପିତ ହେଲେ ଏହା ହୁଏ ଭଗବତ୍ ଅର୍ପିତ କର୍ମ ବା ନିଷ୍କାମ କର୍ମ । ଏହା ଭଗବାନଙ୍କୁ ସମର୍ପଣ କରା ହେବାରୁ ବ୍ୟକ୍ତିର ମନ-ପ୍ରାଣ ଶୁଦ୍ଧ ହୁଏ ତଥା ଏହାର ଫଳ ଉତ୍ପନ୍ନ ହୁଏ ନାହିଁ । କର୍ମର ଫଳ ଉତ୍ପନ୍ନ ନ ହେବାରୁ ବ୍ୟକ୍ତି ତାହା ଭୋଗ କରିବା ସକାଶେ ଜନ୍ମ-ମରଣ ଗ୍ରହଣ କରେ ନାହିଁ । ସେ ଭଗବତ୍ ପ୍ରାପ୍ତି ବା ମୁକ୍ତି ପ୍ରାପ୍ତ ହୁଏ ।

ଏହାପରେ ଆସେ ଭଗବତ୍ କର୍ମ । ବ୍ୟକ୍ତି ମନ ଏବଂ ପ୍ରାଣ ଦ୍ୱାରା ପରିଚାଳିତ ହୁଏ ନାହିଁ । ତାହାସବୁ ଭଗବାନଙ୍କଠାରେ ସମର୍ପିତ ହେଲେ ବ୍ୟକ୍ତିର ମନ-ପ୍ରାଣ ତଥା ସମସ୍ତ ସତ୍ତା ପରିଚାଳିତ ହୁଏ ଭାଗବତୀ ଶକ୍ତି ଦ୍ୱାରା । ଭାଗବତୀ ଶକ୍ତିର ପ୍ରେରଣାରେ ବ୍ୟକ୍ତି ଦ୍ୱାରା କର୍ମ ସମ୍ପାଦନ ହେବାରୁ କର୍ମର କର୍ତ୍ତା ବ୍ୟକ୍ତି ହୁଏ ନାହିଁ; ହୁଅନ୍ତି ଭଗବାନ୍ । ବ୍ୟକ୍ତି ହୁଏ ଭଗବାନଙ୍କର ଯନ୍ତ୍ର । ବ୍ୟକ୍ତି କର୍ତ୍ତାରୂପେ କର୍ମ ନ କରିବାରୁ ତା'ର ଫଳ ଉତ୍ପନ୍ନ ହେବାର ପ୍ରଶ୍ନ ଉଠେ ନାହିଁ । ଏହି କର୍ମ ହୁଏ ଭାଗବତ କର୍ମ । ଏହି ଭାଗବତ କର୍ମ ପୂର୍ଣ୍ଣରୂପେ ସମ୍ପାଦିତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତର ତଥା ଭଗବାନଙ୍କଠାରେ ସମର୍ପିତ ହେବାରେ ।

ଏହାଛଡ଼ା ଆତ୍ମସ୍ଥ କର୍ମ – ବ୍ୟକ୍ତି ଜ୍ଞାନମାର୍ଗ ସାଧନାରେ ଆତ୍ମସ୍ଥ ହେଲେ ମନ-ପ୍ରାଣ-ଶରୀର ଏବଂ ସଂସାର ମିଥ୍ୟା, ମାୟା ଏବଂ ଆତ୍ମା ସତ୍ୟ ବୋଲି ଅନୁଭୂତି ଲାଭ କରେ । ମିଥ୍ୟା, ମନ-ପ୍ରାଣ-ଶରୀର ଦ୍ୱାରା ମିଥ୍ୟା କର୍ମ ଆତ୍ମାକୁ ସ୍ପର୍ଶ କରିପାରେ ନାହିଁ । ମନ-ପ୍ରାଣ-ଶରୀରରୁ ଆତ୍ମା ପୃଥକ୍ ଓ ନିର୍ଲିପ୍ତ ଥିବାରୁ ତା'ର ଫଳଭୋଗ କରିବାକୁ ହୁଏ ନାହିଁ । ଏହି ଆତ୍ମସ୍ଥ କର୍ମ ଏବଂ ଭାଗବତ କର୍ମର ପ୍ରଣାଳୀ ତଥା ପରିଣାମ ପୂର୍ଣ୍ଣରୂପେ ଭିନ୍ନ ହେବା ସତ୍ତ୍ୱେ ଏହି ଉଭୟ କର୍ମର ଫଳ ଭୋଗ କରିବାକୁ ହେଉ ନ ଥିବାରୁ ଏହାକୁ ଭାଗବତ କର୍ମ ସାଥିରେ ରଖାଯାଇପାରେ । ଶୁଭ ବା ସାଧାରଣ କର୍ମ, ଭଗବତ୍ ସମର୍ପିତ ବା ନିଷ୍କାମ କର୍ମ ଏବଂ ଭାଗବତ କର୍ମ – ଏହି ତିନି ପ୍ରକାର କର୍ମକୁ ତ୍ରିବିଧ କର୍ମ କୁହାଯାଏ ।

ପ୍ରଶ୍ନ : କାମନା ବିନା କର୍ମ ସମ୍ପାଦନ ହୁଏ ନାହିଁ । କାମନା ଜନ୍ମମରଣର କାରଣ । ଭାଗବତ କର୍ମରେ କର୍ମର କର୍ତ୍ତ୍ରୀ ଭାଗବତୀ ଶକ୍ତି ଥାଏ, ସେନେଇ ସେ କର୍ମ କାମନା ବିନା ହୁଏ । ଆତ୍ମସ୍ଥ କର୍ମରେ ବ୍ୟକ୍ତି ମନ-ପ୍ରାଣ-ଶରୀରକୁ ପୃଥକ୍ ହୋଇ ଆତ୍ମସ୍ଥ ହୁଏ, ଶରୀର-କର୍ମରେ ତା'ର ସମ୍ବନ୍ଧ ନ ଥାଏ, ସେନେଇ କର୍ମରେ କାମନା ଆବଶ୍ୟକ ନ ଥାଏ । ପରିବାର, ଦେଶ, ଜାତି, ଅନ୍ୟର ହିତ ଇତ୍ୟାଦି ଉତ୍ତମ କର୍ମରେ ଯେପରି ବାସନା ଥାଏ, ସେହିପରି ଭାଗବତ ଉଦ୍ଦେଶ୍ୟରେ କୃତ କର୍ମରେ ବାସନା ଥାଏ; ଅର୍ଥାତ୍ ''ଭଗବତ୍ ଉଦ୍ଦେଶ୍ୟରେ'' ଏହି ଭାବହିଁ ବାସନା । ଏହି ଉଭୟ କର୍ମରେ ବାସନା ଥିବା ସତ୍ତ୍ୱେ ଉତ୍ତମ କର୍ମରେ ବ୍ୟକ୍ତି ବନ୍ଧନରେ ପଡ଼େ କାହିଁକି ? ଭଗବତ୍ ସମର୍ପିତ କର୍ମରେ ବ୍ୟକ୍ତି କାହିଁକି କର୍ମ ବନ୍ଧନରୁ ମୁକ୍ତ ହୁଏ ? ସ୍ପଷ୍ଟ ଭାବରେ ବୁଝାଇ ଦିଅନ୍ତୁ ।

ଉତ୍ତର : ଭଗବାନ୍ ଆପ୍ତକାମ । ଭଗବତ୍ ସମର୍ପିତ କର୍ମରେ ବ୍ୟକ୍ତିର ସମସ୍ତ କାମନା ସମାପ୍ତ ହୋଇଥାଏ, ଥାଏ ଗୋଟିଏ କାମନା ଭାଗବତ ସମର୍ପିତ ଭାବ । ଭଗବତ୍-ପ୍ରାପ୍ତିରେ ତାହା ବି ସମାପ୍ତ ହୁଏ; ଆଉ କୌଣସି ପ୍ରକାର ଅଭାବ ବା କାମନା ରହେ ନାହିଁ । ବ୍ୟକ୍ତି ଭଗବାନଙ୍କ ଯନ୍ତ୍ର ହୋଇ ଭାଗବତ କର୍ମ ମୁକ୍ତ ଅବସ୍ଥାରେ କରେ । ଏହାଛଡ଼ା ଯେତେ ମହାନ୍ ଉତ୍ତମ କର୍ମ କରାହୁଏ, ଗୋଟିକ ପରେ ଗୋଟିଏ, ନୂତନ ନୂତନ କାମନା ଉତ୍ପନ୍ନ ହୁଏ ।

ଭଗବତ୍ ସମର୍ପିତ କର୍ମରେ ବ୍ୟକ୍ତିର କାମନା ନିବୃତ୍ତି ହେବାରୁ ସେ ଜନ୍ମ-ମରଣରୁ ମୁକ୍ତ ହୁଏ; କିନ୍ତୁ ଉତ୍ତମ କର୍ମରେ କାମନା ରହିଥିବାରୁ ବ୍ୟକ୍ତି ଜନ୍ମ-ମରଣ ଚକ୍ରରେ ଭ୍ରମଣ କରେ ।

କର୍ମର ତଥା ଜୀବନର ସାର୍ଥକତା ଏବଂ ପୂର୍ଣ୍ଣତା, ଭଗବାନଙ୍କ ସଂକଳ୍ପ, ସୃଷ୍ଟିର ଉଦ୍ଦେଶ୍ୟ ଆଦି ସିଦ୍ଧ ହୁଏ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବାନ୍ ପୂର୍ଣ୍ଣରୂପେ ପ୍ରକାଶ ହେବାରେ । ଏହା ହୁଏ ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗସିଦ୍ଧି କରିବାରେ । ଅତଏବ ପ୍ରତ୍ୟେକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଉଚିତ ।